ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :07**

**CLASS :3**

**SUBJECT : ODIA**

**CHAPTER NUMBER: 06**

**CHAPTER NAME : ହାତୀ ମାନିଲା ଏଣ୍ଡୁଅ କଥା**

**SUBTOPIC :ଉପକ୍ରମ,କବିତା ଅବୃତ୍ତି ଓ ବିଶ୍ଲେଷଣ**

CHANGING YOUR TOMORROW

ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ ଓ କବିତା ଅବୃତ୍ତି ଶୈଳୀ ର ଅଭିବୃଦ୍ଧି କରାଇବା |



ODM EDUCATIONAL GROUP

# ହାତୀ ମାନିଲା ଏଣ୍ଡୁଅ  କଥା









ହାତୀ ଆସୁଥିଲା ଶୁଣ୍ଢ ହଲାଇ
ମେଣ୍ଢାପଲ ଦେଖି ଗଲେ ପଳାଇ
ନଈରେ ପଶିଲା ହାତୀ,
ଶୁଣ୍ଢରେ ତାହାର ପିଚିକାରୀ ମାରି
ପାଣିଖେଳେ ଗଲା ମାତି ।





ହାତୀର ଖେଳକୁ ଏଣ୍ଡୁଅ ଦେଖି
କହିଲା ତାହାକୁ ତରାଟି ଆଖି
ଅସନା କରୁଛ ପାଣି,
ଜୀବନ ପାଇଁକି ବିପଦକୁ ତୁମେ
ଡାକୁଅଛ ଜାଣି ଜାଣି ।

ଶୁଣ୍ଢକୁ ଉଠାଇ ମୁଣ୍ଡ ହଲାଇ
ହାତୀ ପଚାରିଲା ଏଣ୍ଡୁଅଭାଇ
କହିଲ କହିଲ ମୋତେ,
ଜୀବନପାଇଁ ମୁଁ କେଉଁ ବିପଦକୁ
ଡାକି ଆଣୁଅଛି ସତେ ?



ଏଣ୍ଡୁଅ କହିଲା, ହେ ହାତୀଭାଇ
ମୁଣ୍ଡରେ କି ତୁମ ଅକଲ ନାହିଁ ?
ଦୂଷିତ ହୋଇଲେ ଜଳ,
ଜ୍ୱର, ଝାଡ଼ା, କାଛୁ କୁଣ୍ଡିଆ ରୋଗରେ
ଲୋକେ ହେବେ କଲବଲ ।

ମୁଣ୍ଡକୁ ହଲାଇ କହିଲା ହାତୀ,
ଏଣ୍ଡୁଅଭାଇ ତୁ ମୋହର ସାଥୀ
ମାନୁଛି ତୋହର କଥା,
ସାନ ଦେହ ସିନା ବଡ଼ବଡ଼ କଥା
ସାଇତିଛି ତୋର ମଥା ।

ODM EDUCATIONAL GROUP
Changing your Tomorrow

# ଯୁକ୍ତାକ୍ଷର ଶବ୍ଦ ।

ହାତୀଶୁଣ୍ଢ
ଏଣ୍ଡୁଅ
ମେଣ୍ଢାପଲ
ମୁଣ୍ଡ
କାଚ୍ଛୁକୁଣ୍ଡିଆ



# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

୧ -ହାତୀ କିପରି ଆସୁଥାଏ ?

୨ –କେଉଁ ମାନେ ହାତୀକୁ ଦେଖି ପଳାଇ ଗଲେ ?

୩ –କିଏ ପାଣି ଖେଳରେ ମାତିଗଲା ?

୪ –କିଏ ହାତୀକୁ ଆଖି ତରାଟି ଚାହିଁଲା ?

୫ –ଏଣ୍ଡୁଅ ହାତୀକୁ କି ଉପଦେଶ ଦେଲା ?

୬ – ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?

୭ –ଜୀବନ ପାଇଁ ମୁଁ କେଉଁ ବିପଦକୁ ଡାକି ଆଣୁଛି,ଏହି କଥା କିଏ କାହାକୁ କହିଥିଲା ?

୮ –ହାତୀ ଏଣ୍ଡୁଅ ର ଉପଦେଶ କୁ ମାନିଲା \ମାନିଲା ନାହିଁ ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## ଶ୍ରେଣୀଫର୍ଦ୍ଧଟିକୁ ମନେରଖ |



## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ ଓ କବିତା ଅବୃତ୍ତି ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP